## ସଂକ୍ଷେପରେ

### ୪୨ ହଜାର ଟଙ୍କା ଠକିନେଲେ

**ଅନୁଗୋଳ ଅଫିସ, ୨୨।୨:** ଅନୁଗୋଳସ୍ଥିତ ଶିକ୍ଷକପଡ଼ାରେ ରହି ବ୍ୟବସାୟ କରୁଥିବା ଢେଙ୍କାନାଳ ଜିଲାର ଜଣେ ଯୁବକ ସାଇବର ଠକେଇର ଶିକାର ହୋଇଛନ୍ତି। ଏ ନେଇ ସେ ଅନୁଗୋଳ ସାଇବର ଥାନରେ ଅଭିଯୋଗ କରିବା ପରେ ପୋଲିସ ନଂ. ୨/୨୩ରେ ମାମଲା ରୁଜୁ କରି ତଦନ୍ତ ଚଲାଇଛି। ପୋଲିସ କହିଛି, ଟ୍ରାନ୍ସପୋର୍ଟ ବ୍ୟବସାୟ କରୁଥିବା ସମ୍ପୃକ୍ତ ଯୁବକ ଗତ ୧୯ ତାରିଖରେ ସାମାଜିକ ଗଣମାଧ୍ୟମରେ ବିଜ୍ଞାପନ ଦେଖି ସେୟାର କିଣିବାକୁ ଅର୍ଥ ପୈଠ କରିଥିଲେ। ୪୨ ହଜାର ଟଙ୍କା ଦେଇଥିବାବେଳେ ଅପରପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନ ଥିଲା। ଫଳରେ ଠକେଇର ଶିକାର ହୋଇଥିବା ଜାଣି ସେ ସାଇବର ଥାନାର ଦ୍ୱାରସ୍ଥ ହୋଇଥିଲେ। ତଦନ୍ତ ଆରମ୍ଭ କରିଥିବା ସାଇବର ଥାନା ଅଧିକାରୀ ନିରୁପମା ଜେନା କହିଛନ୍ତି।

### ୫ ବଖରା ଜଳିଗଲା



**ସାତମାଇଲ,୨୨।୨(ଡି.ଏନ.ଏ.):** ଢେଙ୍କାନାଳ ଜିଲା ହିନ୍ଦୋଳ ଉପଖଣ୍ଡ ଖଜୁରିଆକଟା ସ୍ଥିତ ବଜାରରେ ବୁଧବାର ଅଗ୍ନିକାଣ୍ଡ ଘଟି ଉତ୍ତମ ପ୍ରଧାନଙ୍କ ୫ ବଖରା ପୋଡିଯାଇଛି। ବିଦ୍ୟୁତ୍ ଶର୍ଟସର୍କିଟ ଯୋଗୁ ଏହି ଅଗ୍ନିକାଣ୍ଡ ଘଟିଥିବା ଅନୁମାନ କରାଯାଉଛି। ଖବରପାଇ ଖଜୁରିଆକଟା ଦମକଳବାହିନୀ କର୍ମଚାରୀମାନେ ପହଞ୍ଚି ନିଆଁ ଆୟତ୍ତ କରିଥିଲେ। ହେଲେ ସେତେବେଳକୁ ୫ ବଖରା ଘର ଜଳି ପାଉଁଶ ହୋଇଯାଇଥିଲା। ଘରେ ଥିବା ସମସ୍ତ ଆସବାବପତ୍ର ପୋଡି ଯାଇଥିଲା। ଘରେ ରହି ଯାଇଥିବା ଉତ୍ତମଙ୍କୁ ସିଭିଲ ଡିଫେନ୍ସ କର୍ମଚାରୀ ବିଙ୍କୁ ବିଶ୍ୱାଳ ସୁରକ୍ଷିତ ଭାବେ ଉଦ୍ଧାର କରିଥିଲେ।

# ସେବାକୁ ନିଅଣ୍ଟ ସମ୍ବଳ

**ଆଠମଲ୍ଲିକ, ୨୨।୨ (ଡି.ଏନ.ଏ.)**



- ମଞ୍ଜୁରୀପ୍ରାପ୍ତ ପଦବୀ ୩୪, ଅଛନ୍ତି ୬ ଡାକ୍ତର
- ୩୦ ଷ୍ଟାଫନର୍ସଙ୍କ ସ୍ଥାନରେ ମାତ୍ର ୪ କାର୍ଯ୍ୟରତ
- ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ହନ୍ତସନ୍ତ

ପୂର୍ବାପେକ୍ଷା ସୁବିଧାଜନକ ହେଲାଣି ଗମନାଗମନ। ବିଶେଷକରି ଆଠମଲ୍ଲିକ-ଧଳପୁର ସେତୁ ଲୋକାର୍ପଣ ପରେ ଅନୁଗୋଳ ଜିଲା ଆଠମଲ୍ଲିକ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ଉପରେ ବଢ଼ିଛି ରୋଗୀଙ୍କ ନିର୍ଭରଶୀଳତା। ଫଳରେ ଦୈନିକ ରୋଗୀଙ୍କ ପଞ୍ଜୀକରଣ ସଂଖ୍ୟା ବହୁ ପରିମାଣରେ ବୃଦ୍ଧିପାଇଛି। କିନ୍ତୁ ମଞ୍ଜୁରୀପ୍ରାପ୍ତ ଡାକ୍ତର ପଦବୀ ସଂଖ୍ୟା ୧୯ରୁ ୩୪କୁ ବଢ଼ାଯିବା ବ୍ୟତୀତ ଉନ୍ନତ ସ୍ୱାସ୍ଥ୍ୟସେବା ପ୍ରଦାନ ନିମନ୍ତେ ଆଉ କୌଣସି ପଦକ୍ଷେପ ନିଆଯାଇ ନାହିଁ। ଏପରି କି ଖାଲି ପଡ଼ିଥିବା ପଦବୀ ପୂରଣ କରିବା କିମ୍ବା ନୂଆ ନିଯୁକ୍ତି ଦିଆଯାଉ ନ ଥିବାରୁ ଏଠାରେ ସ୍ୱାସ୍ଥ୍ୟସେବା ପାଇଁ ଆବଶ୍ୟକ ସମ୍ବଳ ନିଅଣ୍ଟ ପଡୁଛି। ଏବେ ମାତ୍ର ୬ ଜଣ ଡାକ୍ତର ଓ ୪ ଷ୍ଟାଫନର୍ସରେ ଉପଖଣ୍ଡ ଚିକିତ୍ସାଳୟ ଚାଲିଥିବାରୁ ରୋଗୀସେବା ବିପର୍ଯ୍ୟସ୍ତ ହୋଇପଡ଼ିଛି। ଏପରି କି ଦୀର୍ଘଦିନ ହେଲା ଚକ୍ଷୁ ବିଭାଗରେ ରୋଗୀ ଦେଖା ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି।

ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟ ଉପରେ ଆଠମଲ୍ଲିକ ଓ କିଶୋରନଗର ବ୍ଲକର ଲକ୍ଷାଧିକ ଲୋକ ନିର୍ଭରଶୀଳ। ଏଥିସହ ପଡ଼ୋଶୀ ବୌଦ୍ଧ ଜିଲାରୁ ମଧ୍ୟ ରୋଗୀ ଏହି ଡାକ୍ତରଖାନାକୁ ଆସନ୍ତି। ମହାନଦୀ ଉପରେ ଆଠମଲ୍ଲିକ-ଧଳପୁର ସେତୁ ନିର୍ମାଣ ପରଠାରୁ ବୌଦ୍ଧ ଜିଲାର ୮ରୁ ୧୦ ପଞ୍ଚାୟତର ରୋଗୀ ନିୟମିତ ଆଠମଲ୍ଲିକ ଉପଖଣ୍ଡ ଚିକିତ୍ସାଳୟକୁ ଆସୁଛନ୍ତି। କିନ୍ତୁ ରାଜ୍ୟ ସରକାର ଏହି ସ୍ୱାସ୍ଥ୍ୟକେନ୍ଦ୍ର ପ୍ରତି ଅଧିକ ଦୃଷ୍ଟି ଦେବା ପରିବର୍ତ୍ତେ ଅବହେଳା କରିଚାଲିଛନ୍ତି। କାରଣ ଦୀର୍ଘଦିନ ହେଲା ଏହି ମେଡିକାଲରେ ବହୁ ଡାକ୍ତର, ନର୍ସ ଓ କର୍ମଚାରୀ ପଦବୀ ଖାଲି ପଡ଼ିଛି। ପୂର୍ବରୁ ୧୯ ଡାକ୍ତର ପଦବୀ ଥିବାବେଳେ ଗତ ୨ ମାସ ତଳେ ସରକାର ଏହାକୁ ୩୪କୁ ବଢ଼ାଇ ଦେଇଛନ୍ତି। ମାତ୍ର ଡାକ୍ତର ନିଯୁକ୍ତି କରୁ ନ ଥିବାରୁ ଜଣେ ଶିଶୁ ରୋଗ ବିଶେଷଜ୍ଞ, ଅସ୍ଥିଶଲ୍ୟ, ପ୍ରସୂତି, ଆନାସ୍ଥେସିଆ ବିଶେଷଜ୍ଞ ଓ ୨ ଜଣ ଏମ୍‌ବିବିଏସ୍ ଡାକ୍ତରଙ୍କୁ ନେଇ ସ୍ୱାସ୍ଥ୍ୟକେନ୍ଦ୍ର ଚାଲିଛି। ସେହିପରି ୩୦ ନର୍ସଙ୍କ ସ୍ଥାନରେ ମାତ୍ର ୪ ଜଣ ଷ୍ଟାଫନର୍ସ ଥିବାରୁ ରୋଗୀସେବା ଗଭୀର ଭାବେ ପ୍ରଭାବିତ ହେଉଛି। ଏପରି କି ଅନେକ ସମୟରେ ଇଞ୍ଜେକ୍ସନ ନେବା ପାଇଁ ରୋଗୀମାନଙ୍କ ଲମ୍ବା ଲାଇନ ଲାଗୁଥିବା ଦେଖିବାକୁ ମିଳୁଛି। ଡାକ୍ତରଖାନାର ନୂଆ ୩ ମହଲା କୋଠା ଓ ଷ୍ଟାଫ କ୍ୱାର୍ଟର୍ସ ନିର୍ମାଣ କରି ରୂପରେଖ ବଦଳାଇବା ପାଇଁ ସରକାର ଉଦ୍ୟମ କରୁଥିବାବେଳେ ରୋଗୀ ସେବା ପ୍ରତି ଯେପରି ଆଖିବୁଜି ଦେଇଥିବା ସାଧାରଣରେ ଅଭିଯୋଗ ହେଉଛି। ଉପଖଣ୍ଡ ମୁଖ୍ୟ ଚିକିତ୍ସା ଅଧିକାରୀ ପଦବୀ ଦୀର୍ଘଦିନ ଧରି ଖାଲି ପଡ଼ିଥିବା ବେଳେ ଗୁରୁତ୍ୱପୂର୍ଣ୍ଣ ଚକ୍ଷୁ ବିଭାଗରେ ଆଦୌ ଡାକ୍ତର, ଟେକ୍ନିସିଆନ ନାହାନ୍ତି। ଫଳରେ ଏହି ବିଭାଗରେ ରୋଗୀ ସେବା ହୋଇପାରୁ ନାହିଁ। ବ୍ଲଡବ୍ୟାଙ୍କରେ ମଧ୍ୟ ସମାନ ଅବସ୍ଥା ସୃଷ୍ଟି ହୋଇଥିବାରୁ ଅନ୍ୟ ବିଭାଗରୁ ଡାକ୍ତର ଓ କର୍ମଚାରୀଙ୍କୁ ଅଣାଯାଇ ପରିଚାଳନା ସହିତ ରକ୍ତଦାନ ଶିବିରରେ ନିୟୋଜିତ କରାଯାଉଛି। ତେଣୁ ରାଜ୍ୟ ସରକାର ତୁରନ୍ତ ଏହି ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଖାଲି ପଡ଼ିଥିବା ଡାକ୍ତର, ନର୍ସ ଓ କର୍ମଚାରୀ ପଦବୀ ପୂରଣ କରିବାକୁ ଉପଖଣ୍ଡବାସୀ ଦାବି କରିଛନ୍ତି।

### ସ୍ୱାସ୍ଥ୍ୟ ବିଭାଗର ଘୋର ଅବହେଳା



ଆଠମଲ୍ଲିକ ଉପଖଣ୍ଡ ଡାକ୍ତରଖାନା ପ୍ରତି ସ୍ୱାସ୍ଥ୍ୟ ବିଭାଗ ଘୋର ଅବହେଳା କରୁଛି। ତୁରନ୍ତ ଆବଶ୍ୟକ ସଂଖ୍ୟକ ଡାକ୍ତର ଓ ନର୍ସ ପଦବୀ ପୂରଣ ନ ହେଲେ କଂଗ୍ରେସ ଚୁପ୍‌ହୋଇ ବସି ରହିବ ନାହିଁ।

**-ଇଂ କମଳାକାନ୍ତ ପ୍ରଧାନ, ନଗର କଂଗ୍ରେସ ସଭାପତି**

### ରୋଗୀ ସଂଖ୍ୟା ବୃଦ୍ଧିପାଉଛି



ଆଠମଲ୍ଲିକ ଡାକ୍ତରଖାନାକୁ ଦୈନିକ ଆସୁଥିବା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଏଠାରେ ଖାଲି ପଡ଼ିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ କରିବା ଅତ୍ୟନ୍ତ ଅପରିହାର୍ଯ୍ୟ ହୋଇପଡିଛି।

**-ବିନୟ କୁମାର ପଟ୍ଟନାୟକ, ସାମାଜିକ କର୍ମୀ**

### ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛି



ଅନୁଗୋଳରେ ଅନୁଷ୍ଠିତ ଦିଶା ବୈଠକରେ ଆଠମଲ୍ଲିକ ଡାକ୍ତରଖାନା ଓ ବ୍ଲଡବ୍ୟାଙ୍କରେ ଦେଖାଦେଇଥିବା ଡାକ୍ତର, କର୍ମଚାରୀଙ୍କ ଅଭାବ ପ୍ରସଙ୍ଗ ଉଠାଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲି। ବ୍ଲଡବ୍ୟାଙ୍କରେ କର୍ମଚାରୀ ନିଯୁକ୍ତି ଖୁବ୍‌ଶୀଘ୍ର ହେବ ବୋଲି ଜିଲାପାଳ ପ୍ରତିଶ୍ରୁତି ଦେଇଥିଲେ।

**-ଆଶାକୁମାରୀ ସାହୁ, ଅଧ୍ୟକ୍ଷା, ଆଠମଲ୍ଲିକ ଏନ୍‌ଏସି**

### ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି



ଉପଖଣ୍ଡ ଡାକ୍ତରଖାନାରେ ମୋଟ୍ ଡାକ୍ତର ପଦବୀ ସଂଖ୍ୟା ୩୪। ବର୍ତ୍ତମାନ ମାତ୍ର ୬ ଜଣ ଡାକ୍ତର ରୋଗୀ ଦେଖୁଛନ୍ତି। ସେହିପରି ୩୦ ନର୍ସଙ୍କ ସ୍ଥାନରେ ୪ ଜଣ କାର୍ଯ୍ୟ କରୁଛନ୍ତି। ଖାଲି ପଦବୀରେ ଶୀଘ୍ର ନୂଆ ନିଯୁକ୍ତି ଦେବା ପାଇଁ ଉଚ୍ଚ ଅଧିକାରୀଙ୍କୁ ଜଣାଇ ଦିଆଯାଇଛି।

**-ଡା. ସୁନୀଲ କୁମାର ପଣ୍ଡା, ଏସ୍‌ଡିଏମ୍‌ଓ, ଆଠମଲ୍ଲିକ**

### ନୂତନ ତହସିଲଦାରଙ୍କ ଯୋଗଦାନ



**ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.)**

ଅନୁଗୋଳ ଜିଲା ଛେଣ୍ଡିପଦା ତହସିଲ କାର୍ଯ୍ୟାଳୟରେ ନୂତନ ତହସିଲଦାର ଭାବେ ମାନସ ରାୟ ବୁଧବାର ଯୋଗ ଦେଇଛନ୍ତି। ପୂର୍ବରୁ ସେ ଢେଙ୍କାନାଳ ଜିଲା ହିନ୍ଦୋଳ ସବ୍‌ଡିଭିଜନର ସବ୍‌କଲେକ୍ଟରଙ୍କ କାର୍ଯ୍ୟାଳୟରେ ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଥିଲେ। ଛେଣ୍ଡିପଦାରେ ପୂର୍ବରୁ ଥିବା ତହସିଲଦାର ଡାନିଏଲ ଏକ୍କାଙ୍କ କଣିହାଁ ତହସିଲକୁ ବଦଳି ହୋଇଛି। ଡାନିଏଲ୍‌ଙ୍କଠାରୁ ନୂତନ ତହସିଲଦାର ମାନସ ଦାୟିତ୍ୱ ଗ୍ରହଣ କରିଛନ୍ତି।

### ଅଶ୍ଲୀଳ ଇଙ୍ଗିତ କରି ଯୁବକ ଗିରଫ

**ଅନୁଗୋଳ ଅଫିସ,୨୨।୨:** ଅନୁଗୋଳ ଜିଲା ନିଶା ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଅଶ୍ଲୀଳ ଇଙ୍ଗିତ କରିବା ଅଭିଯୋଗରେ ପାରିପରା ଗ୍ରାମର ସାର୍ଥକ ବେହେରା(୨୬)ଙ୍କୁ ପୋଲିସ ଗିରଫ କରିଛି। ଗତ ଶିବରାତ୍ରିରେ ନାବାଳିକା ଜଣଙ୍କ ମନ୍ଦିରକୁ ଯାଇଥିଲେ। ସେଠାରେ ତାଙ୍କୁ ସାର୍ଥକ ଅଶ୍ଲୀଳ ଇଙ୍ଗିତ କରିଥିଲେ। ଏପରି କି ନାବାଳିକାଙ୍କ ଘରକୁ ଆସି ଅଭିଯୁକ୍ତ ଅଶ୍ଲୀଳ ଭାଷାରେ ଗାଳି ଗୁଲଜ କରିଥିଲେ। ଏ ନେଇ ନାବାଳିକା ଜଣକ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ନଂ. ୩୨/୨୩ରେ ମାମଲା ରୁଜୁ କରିଥିବା ନିଶା ଥାନା ଏସ୍‌ଆଇ ପ୍ରଦୀପ କୁମାର ପଟ୍ଟନାୟକ ପ୍ରକାଶ କରିଛନ୍ତି।

## ଡିପ୍ଲୋମା ଇଞ୍ଜିନିୟର ସେବା ସଂଘର ଦାବିପତ୍ର

**କାମାକ୍ଷାନଗର, ୨୨।୨ (ଡି.ଏନ.ଏ.)**

ରାଜ୍ୟରେ କାର୍ଯ୍ୟରତ ୮ ହଜାରରୁ ଅଧିକ ଡିପ୍ଲୋମା ଇଞ୍ଜିନିୟରଙ୍କ ଦୀର୍ଘଦିନର ଦାବି ପୂରଣ ହୋଇପାରୁ ନାହିଁ। ଏପରି କି ଅନେକ ସମୟରେ ସରକାର ପ୍ରତିଶ୍ରୁତି ଦେଉଥିଲେ ମଧ୍ୟ ତାହାକୁ ପାଳନ କରାଯାଉ ନାହିଁ। ଏ ନେଇ ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ କାମାକ୍ଷାନଗର ଶାଖା ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ କରାଯିବା ସହ ତୁରନ୍ତ ଦାବି ପୂରଣ ନିମନ୍ତେ ବୁଧବାର ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ରାଜ୍ୟ ଖଣିମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଓ କାମାକ୍ଷାନଗର ଉପଜିଲାପାଳ ଜ୍ୟୋତି ଶଙ୍କର ସାହୁଙ୍କୁ ପ୍ରଦାନ କରାଯାଇଛି।

ସଂଘ ପକ୍ଷରୁ ଦାବିପତ୍ରରେ ଦର୍ଶାଯାଇଛି, ଡିପ୍ଲୋମା ଇଞ୍ଜିନିୟରମାନଙ୍କ କ୍ଷେତ୍ରରେ ଠିକା ନିଯୁକ୍ତି ବନ୍ଦ କରାଯାଉ ବୋଲି ଦାବି ହୋଇଆସୁଥିବା ବେଳେ ରାଜ୍ୟ ସରକାର ୨୦୧୩ ପରଠାରୁ ନିଯୁକ୍ତ ଠିକା କର୍ମଚାରୀଙ୍କୁ ନିୟମିତ କରିଛନ୍ତି। ଏଥିପାଇଁ ସଂଘ ରାଜ୍ୟ ସରକାରଙ୍କୁ କୃତଜ୍ଞତା ଜଣାଉଛି। ହେଲେ ୨୦୦୩ ମସିହାରୁ ସ୍ୱଳ୍ପ ବେତନରେ କାର୍ଯ୍ୟ କରିଆସୁଥିବା ଡିପ୍ଲୋମା ଇଞ୍ଜିନିୟରମାନଙ୍କୁ ରାଜ୍ୟ ସରକାର ବିଚାରକୁ ନେଇ ନ ଥିବାରୁ ବରିଷ୍ଠ ଓ କନିଷ୍ଠଙ୍କ ମଧ୍ୟରେ ବେତନ ହାର ଓ ସାମାଜିକ ପ୍ରତିଷ୍ଠାରେ ଅସନ୍ତୁଳନ ଘଟିବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ସରକାର ୨୦୦୩ରୁ ଠିକାରେ ନିଯୁକ୍ତ ସମସ୍ତ ଡିପ୍ଲୋମା ଇଞ୍ଜିନିୟରଙ୍କୁ ନ୍ୟାୟ ପ୍ରଦାନ ସହ ରାଜ୍ୟର ସବୁ ବର୍ଗର କର୍ମଚାରୀଙ୍କୁ ପୁରୁଣା ପେନସନ ଯୋଜନାରେ ଅନ୍ତର୍ଭୁକ୍ତ କରିବା, ସମସ୍ତ ଇଞ୍ଜିନିୟରିଂ ବିଭାଗରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟର ଏକକ କ୍ୟାଡର ରୁଲ (ସମାନ ଚାକିରି ସର୍ତ୍ତାବଳୀ) ପ୍ରଚଳନ, ସହକାରୀ ଯନ୍ତ୍ରୀରୁ ସହକାରୀ ନିର୍ବାହୀ ଯନ୍ତ୍ରୀ ପଦବୀକୁ ପଦୋନ୍ନତି କ୍ଷେତ୍ରରେ ପ୍ରଚଳିତ ହାର ଶତକଡା ୪୦ରୁ ୫୦କୁ ବୃଦ୍ଧି କରିବାକୁ ସଂଘ ପକ୍ଷରୁ ଦାବି କରାଯାଇଛି।



ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ କାମାକ୍ଷାନଗର ଶାଖା ପକ୍ଷରୁ ଖଣି ମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ଘରେ ପଶି ଟଙ୍କା, ସୁନା ଲୁଟ୍

**ଅନୁଗୋଳ ଅଫିସ,୨୨।୨**

ଅନୁଗୋଳ ଜିଲା ତାଳଚେର ବ୍ଲକ ବନମାଳିପୁର ଗାଁରେ ବୁଧବାର ଜଣେ ବ୍ୟକ୍ତିଙ୍କ ଘରେ ପଶି ଦୁର୍ବୃତ୍ତମାନେ ଲୁଟ୍‌ପାଟ କରିଛନ୍ତି। ଦୁର୍ବୃତ୍ତମାନେ ଭୁଜାଲିରେ ଘର ମାଲିକଙ୍କୁ ଆକ୍ରମଣ କରି ଓ ବନ୍ଧୁକ ଦେଖାଇ ଟଙ୍କା, ସୁନା ଲୁଟି ନେଇଛନ୍ତି। ସୂଚନା ଅନୁଯାୟୀ, ରାତି ପ୍ରାୟ ୮ଟା ବେଳେ ଗାଁର କାଠିଆ ସାହୁ ଓ ତାଙ୍କ ସ୍ତ୍ରୀ ଘରେ ଥିବାବେଳେ ୩ ଜଣ ଦୁର୍ବୃତ୍ତ ଘର ଆଗକୁ ଆସି ପାଣି ମାଗିଥିଲେ। ପାଣି ପିଇବା ବାହାନାରେ ଘର ନିର୍ମାଣ କାମ କଥା ବୁଝାବୁଝି କରିବାକୁ କହି ଘର ଭିତରକୁ ପଶି ଯାଇଥିଲେ। ଆଉ ଏହାପରେ ହଠାତ ଭୁଜାଲି ଓ ବନ୍ଧୁକ ଦେଖାଇ କାଠିଆ ଏବଂ ତାଙ୍କ ସ୍ତ୍ରୀଙ୍କୁ ଭୟଭୀତ କରି ଟଙ୍କା, ସୁନା ମାଗିଥିଲେ। କାଠିଆ ପ୍ରତିବାଦ କରିବାରୁ ତାଙ୍କ ମୁଣ୍ଡ ଓ ହାତକୁ ଭୁଜାଲିରେ ଆକ୍ରମଣ କରିବା ସହ ତାଙ୍କ ସ୍ତ୍ରୀଙ୍କୁ ମଧ୍ୟ ମାଡ଼ ମାରିଥିଲେ। ଏହାପରେ ଘରେ ଥିବା ଟଙ୍କା ସହ ଘର ମାଲିକଙ୍କ ସ୍ତ୍ରୀଙ୍କ ବେକରୁ ମଙ୍ଗଳସୂତ୍ର ନେଇ ଦୁର୍ବୃତ୍ତମାନେ ଚମ୍ପଟ ମାରିଥିଲେ। ଗଲାବେଳେ ଦୁର୍ବୃତ୍ତମାନେ ଭୁଜାଲି ଓ ବନ୍ଧୁକ ଛାଡି ପଳାଇଥିବା ଜଣାପଡ଼ିଛି। ଖବରପାଇ ତାଳଚେର ପୋଲିସ ଘଟଣା ସ୍ଥଳରେ ପହଞ୍ଚି କାଠିଆଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରି ତଦନ୍ତ କରୁଛି।

## ହିଙ୍ଗୁଳା, ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ



ଶୋଭାଯାତ୍ରାରେ ମା'ଙ୍କୁ ନିଜ ପୀଠକୁ ଫେରାଇ ନିଆଯାଉଛି।

**କଣିହାଁ,୨୨।୨(ଡି.ଏନ.ଏ.)**

କଣିହାଁ ବ୍ଲକ ରେଙ୍ଗାଳି ପ୍ରକଳ୍ପ ଓସିସି କଲୋନୀ ନିକଟସ୍ଥ ବାବା ଆଖଣ୍ଡଳମଣି ମନ୍ଦିର ପରିସରରେ ମା' ହିଙ୍ଗୁଳା ଓ ମା' ବାଟମଙ୍ଗଳାଙ୍କ ଲେଉଟାଣି ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସକାଳୁ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା ପରେ ସର୍ବସାଧରଣ ଦର୍ଶନ ନୀତି ଅନୁଷ୍ଠିତ ହୋଇଥିଲା। ଶନିବାର ୩୩ ତମ ଜାଗର ଉତ୍ସବ ଅବସରରେ ବାପଘର ଆଖଣ୍ଡଳମଣି ମନ୍ଦିରକୁ ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳା ଓ ପ୍ରକଳ୍ପସ୍ଥିତ ମା' ବାଟମଙ୍ଗଳାଙ୍କୁ ଆମନ୍ତ୍ରଣ କରି ଅଣାଯାଇଥିଲା। ଲେଉଟାଣି ଉତ୍ସବ ଅବସରରେ ମନ୍ଦିରର ମୁଖ୍ୟ ଉପଦେଷ୍ଟା ଆକୁଳ ପଣ୍ଡାଙ୍କ ପୌରୋହିତ୍ୟରେ ନାମସଂକୀର୍ତ୍ତନ ସହ ଦୁଇ ଦେବୀଙ୍କୁ ମନ୍ଦିର ବେଢ଼ା ପରିକ୍ରମା କରାଯାଇଥିଲା। ମନ୍ଦିରଠାରୁ ଘଣ୍ଟଘଣ୍ଟା, ବାଜା, ବାଣ, ନାମସଂକୀର୍ତ୍ତନ ସହିତ ଏକ ଶୋଭାଯାତ୍ରାରେ ଭକ୍ତମାନେ ବାହାରି ପ୍ରଥମେ ରେଙ୍ଗାଳି ପ୍ରକଳ୍ପସ୍ଥିତ କପିଳେଶ୍ୱର ମନ୍ଦିର ସମ୍ମୁଖରେ ଥିବା ମା' ବାଟମଙ୍ଗଳାଙ୍କୁ ନିଜ ଆସ୍ଥାନରେ ଛାଡିବାପରେ ମା' ହିଙ୍ଗୁଳାଙ୍କୁ ନେଇ ତାଳଚେର ସ୍ଥିତ ଗୋପାଳପ୍ରସାଦ ପୀଠକୁ ଗସ୍ତ କରିଥିଲେ। ସେଠାରେ ମା'ଙ୍କୁ ବିଦାୟ ଦେଇ ଭକ୍ତଦଳ ରାତିରେ ରେଙ୍ଗାଳି ଫେରି ଆସିଥିଲେ। ବାବା ଆଖଣ୍ଡଳମଣି ମନ୍ଦିର ପରିଚାଳନା କମିଟି ପକ୍ଷରୁ ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

## ସହମତି ଭିତ୍ତିରେ ନୀତିକାନ୍ତି କରିବାକୁ ନିବେଦନ

**ଢେଙ୍କାନାଳ ଅଫିସ,୨୨।୨**

ଢେଙ୍କାନାଳ ଜିଲା କାର୍ଯ୍ୟାଳୟର ସଦ୍‌ଭାବନା ଗୃହଠାରେ ପ୍ରଶାସନ, ଲୋକ ପ୍ରତିନିଧି ଓ ମହିମାଗାଦି ଯୋରନ୍ଦାର ବଲ୍କଳଧାରୀ ଏବଂ କୌପୀନଧାରୀ ମହିମା ସନ୍ନ୍ୟାସୀମାନଙ୍କୁ ନେଇ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ମହିମାଗାଦିରେ ବତିମନ୍ଦିର ଉଚ୍ଛେଦ ହେବା ପରେ କୌପୀନଧାରୀ ସମାଜର ନୀତିକାନ୍ତି ନିମନ୍ତେ ସହମତି ଭିତରେ ସ୍ଥାନ ନିରୂପଣ କରିବାକୁ ଉଭୟ ବଲ୍କଳ ଓ କୌପୀନଧାରୀ ସନ୍ନ୍ୟାସୀମାନଙ୍କୁ ପ୍ରଶାସନ ପକ୍ଷରୁ ନିବେଦନ କରାଯାଇଥିଲା। ବୈଠକରେ ସଦର ବିଧାୟକ ସୁଧର କୁମାର ସାମଲ, ଜିଲା ପରିଷଦ ସଭାପତି ଅର୍ଚ୍ଚନା ପୁହାଣ, ଜିଲାପାଳ ସରୋଜ କୁମାରେ ସେଠୀ, ଏସ୍‌ପି ଜ୍ଞାନରଞ୍ଜନ ମହାପାତ୍ର, ସଦର ଉପଜିଲାପାଳ ସ୍ନିଗ୍ଧାରାଣୀ ଧଳ ଏବଂ ମହିମାଗାଦିର ସମସ୍ତ ସାଧୁସନ୍ଥ ଉପସ୍ଥିତ ଥିଲେ। ସହମତି ଭିତ୍ତିରେ ସହଯୋଗ ପୂର୍ବକ ନୀତିକାନ୍ତି ପାଳନ କରି ମହିମା ଧର୍ମର ଖ୍ୟାତି ରକ୍ଷା ନିମନ୍ତେ ବ୍ୟବସ୍ଥା କରିବାକୁ ଏହି ବୈଠକରେ ନିବେଦନ କରାଯାଇଥିଲା। ଏଥିସହିତ ତ୍ୟାଗ ମନୋଭାବ ନେଇ ସମସ୍ତ ମାଲି ମକଦ୍ଦମା ପ୍ରତ୍ୟାହାର କରିବାକୁ ଉଭୟ ପକ୍ଷଙ୍କୁ ପରାମର୍ଶ ଦିଆଯାଇଥିଲା। ପ୍ରଶାସନିକ ଅଧିକାରୀ, ପୀଠର ସନ୍ନ୍ୟାସୀ, ନିର୍ବାଚିତ ପ୍ରତିନିଧି ଏବଂ ପ୍ରମୁଖ ଗ୍ରାମବାସୀଙ୍କୁ ନେଇ ଏକ କମିଟି ଗଠନ କରାଯାଇ ନୀତିକାନ୍ତି ନିମନ୍ତେ ଉପୁଜିଥିବା ସମସ୍ୟାର ସମାଧାନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ବୈଠକରେ ସରକାରୀ ଅଭିବକ୍ତା ପତିତପାବନ ମହାପାତ୍ର, ଉଭୟ ବଲ୍କଳଧାରୀ ଓ କୌପୀନଧାରୀ ସମାଜର ସାଧୁସନ୍ଥ, ଯୋରନ୍ଦା ସରପଞ୍ଚ, ଗଁଦିଆ ବିଡିଓ, ତହସିଲଦାର ଏବଂ ଗ୍ରାମବାସୀ ଉପସ୍ଥିତ ଥିଲେ।



ବୈଠକରେ ଲୋକ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଉଭୟ ପକ୍ଷର ସନ୍ନ୍ୟାସୀମାନେ ଉପସ୍ଥିତ ଅଛନ୍ତି।

## ମାର୍ଚ୍ଚ ସୁଦ୍ଧା ମଡେଲ ପ୍ରୋଜେକ୍ଟ ଶେଷ କର



ଜିଲା ପରିଷଦର ସମୀକ୍ଷା ବୈଠକରେ ଜିଲାପାଳଙ୍କ ସହିତ ଅନ୍ୟ ଅଧିକାରୀମାନେ।

**ଢେଙ୍କାନାଳ ଅଫିସ,୨୨।୨**

### ଜିଲା ପରିଷଦ ସମୀକ୍ଷା ବୈଠକ

ଢେଙ୍କାନାଳ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲାପାଳ ସରୋଜ କୁମାର ସେଠୀଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାର ସମସ୍ତ ପଞ୍ଚାୟତରେ କାର୍ଯ୍ୟକାରୀ ହେଉଥିବା ମଡେଲ ପ୍ରୋଜେକ୍ଟକୁ ଆଗାମୀ ମାର୍ଚ୍ଚ ସୁଦ୍ଧା ଶେଷ କରିବାକୁ ସମସ୍ତ ବିଡିଓ, ଯନ୍ତ୍ରୀ ଓ ଏପିଓଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଜିଲାରେ ଥିବା ସମସ୍ତ ପର୍ଯ୍ୟଟନସ୍ଥଳୀ ଓ ପିକନିକ ସ୍ପଟ୍‌ରେ ଜନସାଧାରଣଙ୍କ ସୁବିଧା ନିମନ୍ତେ ଆନୁଷଙ୍ଗିକ ବ୍ୟବସ୍ଥା କରି ଆକର୍ଷଣୀୟ କରିବାକୁ ପରାମର୍ଶ ଦେଇଥିଲେ। ପଞ୍ଚାୟତରେ ହେଉଥିବା ମଡେଲ ପ୍ରୋଜେକ୍ଟଗୁଡ଼ିକୁ ବିନିଯୋଗ କରି ପଞ୍ଚାୟତର ଆୟ ବୃଦ୍ଧି ଉପରେ ଗୁରୁତ୍ୱାରୋପ କରିଥିଲେ । ସେହିପରି ମଡେଲ ପ୍ରୋଜେକ୍ଟ ଗୁଡ଼ିକରେ ଅଧିକ ଲୋକଙ୍କୁ କାମ ଯୋଗାଇଦେବା ସହିତ ନିଷ୍ଠାପର ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲାପାଳ ପରାମର୍ଶ ଦେଇଥିଲେ। ଜିଲାର ପଞ୍ଚାୟତ ଗୁଡ଼ିକରେ କାର୍ଯ୍ୟକାରୀ ହେଉଥିବା ମଡେଲ ରୋଡ୍, ମଡେଲ ପାର୍କ, ଅମୃତ ସରୋବର, ମିଶନ ଶକ୍ତି ଗୃହ, ଅଙ୍ଗନୱାଡି କେନ୍ଦ୍ର, ଚେକଡ୍ୟାମ, କଲ୍ୟାଣ ମଣ୍ଡପ, ଜଳସେଚନ ନିମନ୍ତେ ନାଳ ନିର୍ମାଣ, ପନିପରିବା ଚାଷ ପାଇଁ କୂଅ ଖନନ ଆଦି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ବିଡିଓମାନେ ପାୱାର ପଏଣ୍ଟ ମାଧ୍ୟମରେ ଜିଲାପାଳଙ୍କୁ ଅବଗତ କରାଇଥିଲେ। ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତନ୍ମୟ କୁମାର ଦରୱାନ ସ୍ୱାଗତ ଭାଷଣ ଓ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ବୈଠକରେ ଏମ୍‌ଜିଏନ୍‌ଆର୍‌ଇଜିଏସ୍ ଲୋକପାଳ ଅମରେନ୍ଦ୍ର ମଲ୍ଲ, ଜିଲା ପରିଷଦ ଅତିରିକ୍ତ ନିର୍ବାହୀ ଅଧିକାରୀ ସରୋଜ କୁମାର ଦତ୍ତ, ଆର୍‌ଡବ୍ଲ୍ୟୁଏସ୍‌ଏସ୍ ସୁପରିଣ୍ଟେଣ୍ଡିଂ ଇଞ୍ଜିନିୟର ସୁରେନ୍ଦ୍ର କୁମାର ବେହେରା, ସମସ୍ତ ବିଡିଓଙ୍କ ସମେତ ବିଭାଗୀୟ ଅଧିକାରୀମାନେ ଯୋଗ ଦେଇଥିଲେ।

## ବାଇକ୍, ଟ୍ରକ୍ ଜବତ: ୬ ଗିରଫ

ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.)

ଛେଣ୍ଡିପଦା ଥାନା ପୋଲିସ ୨୭ ଟନ୍ ଚୋରା କୋଇଲା ସହ ୧୦ ବାଇକ୍, ମିନିଟ୍ରକ୍ ଜବତ କରିଛି। ପୋଲିସ କହିଛି, କୁକୁରପେଟା ଡ୍ୟାମ୍ କୋଡିଏ ମାଇଲ ଛକ ନିକଟରେ ଚଢ଼ାଉ କରାଯାଇ ଏକ ଚୋରା କୋଇଲା ବୋଝେଇ ମିନିଟ୍ରକ୍ ଏବଂ ଏହାକୁ ପାଇଲଟିଂ କରୁଥିବା ବାଇକ୍ ଜବତ କରିଛି। ସନ୍ତରାବନ୍ଧ ଗ୍ରାମର ଗୋବର୍ଦ୍ଧନ ପ୍ରଧାନଙ୍କୁ ଗିରଫ କରାଯାଇଛି। ଏ ନେଇ ନଂ. ୭୯/୨୩ରେ ଏକ ମାମଲା ରୁଜୁ ହୋଇଛି। ସେହିପରି ଚାଙ୍ଗୁଡ଼ିଆ ଓ ସନ୍ତରାବନ୍ଧ ରାସ୍ତାରେ ୨ ଟିମ୍ ଚଢ଼ାଉ କରି ବାଇକରେ ଚାଲାଣ ହେଉଥିବା ଚୋରା କୋଇଲା ଜବତ କରିଛି। ଏଥିସହ କଣିହାଁ ଥାନା ବଇଣ୍ଡା ଗ୍ରାମର ସରୋଜ ନାଏକ, ବାବୁଲା ବେହେରା, ଜିତୁ ବେହେରା ଏବଂ ଛେଣ୍ଡିପଦା ଥାନା ଫୁଲଝରି ଗ୍ରାମର ମନୁ ନାଏକଙ୍କୁ ଗିରଫ କରିଛି। ଉକ୍ତ ସ୍ଥାନରୁ ୨ କିମି ଦୂରରେ ପୋଲିସର ଆଉ ଏକ ଟିମ୍ ଚଢ଼ାଉ କରି କଣିହାଁ ଥାନା ବଇଣ୍ଡା ଗ୍ରାମର ପିଣ୍ଟୁ ବେହେରାଙ୍କୁ ଗିରଫ କରିଛି। ୩ ନାବାଳକଙ୍କ ନାମରେ ମାମଲା ରୁଜୁ କରି ପରିବାର ଜିମାରେ ଦେଇଛି। ଏ ନେଇ ଥାନାରେ ନଂ. ୮୦/୨୩ ଓ ୮୧/୨୩ରେ ମାମଲା ରୁଜୁ ହୋଇଛି।

# ନିରାପତ୍ତା, ସ୍ୱାସ୍ଥ୍ୟ ଉପରେ ଗୁରୁତ୍ୱାରୋପ

**ଫ୍ୟାକ୍ଟ୍ରିଜ୍ ଆଣ୍ଡ ବଏଲର୍ସ ବିଭାଗ ପକ୍ଷରୁ ଉପଖଣ୍ଡସ୍ତରୀୟ କର୍ମଶାଳା**

ଅନୁଗୋଳ ଅଫିସ, ୨୨।୨

କାରଖାନା ଓ ବାଷ୍ପିତ୍ର ବିଭାଗ ଅନୁଗୋଳ ପକ୍ଷରୁ ଏକ ଉପଖଣ୍ଡସ୍ତରୀୟ କର୍ମଶାଳା ଜିନ୍ଦଲ ଷ୍ଟିଲ ଆଣ୍ଡ ପାୱାର (ଜେଏସ୍‌ପି) ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ତାପଜ ବିଦ୍ୟୁତ୍ କେନ୍ଦ୍ରରେ ନିରାପତ୍ତା ଏବଂ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ବିଭିନ୍ନ ଦିଗ ଉପରେ ଏହି କର୍ମଶାଳାରେ ଗୁରୁତ୍ୱ ପ୍ରଦାନ କରାଯିବା ସହ ବିପଦ ନିୟନ୍ତ୍ରଣ ଏବଂ ଏହାର ସୁପରିଚାଳନା କିପରି କରାଯାଇପାରିବ, ସେ ନେଇ ଏହି କର୍ମଶାଳା ଆୟୋଜନ କରାଯାଇଥିଲା।

ଏହି କର୍ମଶାଳାରେ କାରଖାନା ଓ ବାଷ୍ପିତ୍ର ବିଭାଗର ଅନୁଗୋଳ ଜୋନ ଉପନିର୍ଦ୍ଦେଶକ ଡ. ରମେଶ କୁମାର ବେହେରା, ସହ ନିର୍ଦ୍ଦେଶିକା ଜୋନ–୧ ଅର୍ଚ୍ଚନା ଦାସ, ଜେଏସ୍‌ପି ଅନୁଗୋଳ ପ୍ରକଳ୍ପର ନିର୍ବାହୀ ନିର୍ଦ୍ଦେଶକ ହୃଦୟେଶ୍ୱର ଝା, ଦାମୋଦର ମିତ୍ତଲ ଏବଂ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଏହି କର୍ମଶାଳାରେ ଯୋଗଦେଇ ନିଜର ଅଭିଜ୍ଞତା ଉପସ୍ଥାପନ କରିବା ସହ ନିୟମିତ ବ୍ୟବଧାନରେ ଏହାର ଆୟୋଜନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ପ୍ରାରମ୍ଭରେ କାରଖାନା ଓ ବାଷ୍ପିତ୍ର ବିଭାଗ ସହ ନିର୍ଦ୍ଦେଶିକା ଦାସ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲା ବେଳେ ବିଭାଗୀୟ ଉପ ନିର୍ଦ୍ଦେଶକ କୁମାର ବେହେରା କର୍ମଶାଳାର ବିଷୟବସ୍ତୁ ଉପରେ ଚିନ୍ତା ପ୍ରକଟ କରିବା ସହ ଅକୁପେଶନାଲ ରୋଗ ସମ୍ପର୍କରେ ମତାମତ ରଖିଥିଲେ। ଏହି ଅବସରରେ ଉପସ୍ଥିତ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଆଞ୍ଚଳିକ ଅଧିକାରୀ ଅନୁପ କୁମାର ମଲ୍ଲିକ ତାପଜ ବିଦ୍ୟୁତ୍ କେନ୍ଦ୍ରରେ ଧୂଳିକଣା ସମସ୍ୟା ଏବଂ ଏହାର ନିୟନ୍ତ୍ରଣ ସମ୍ପର୍କରେ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାଲ୍‌କୋ ନିର୍ବାହୀ ନିର୍ଦ୍ଦେଶକ ବି. ପ୍ରଧାନ, ଟିଟିପିଏସ୍ ଓ ଏନ୍‌ଟିପିସି ନିର୍ବାହୀ ନିର୍ଦ୍ଦେଶକ କେ.ଏସ. ସୁନ୍ଦରମ, ଜେଏସ୍‌ପି ଇଡିପି ଅତୁଲ ଦୁବେ, ନବ ଲିମିଟେଡ ଭିପି ଜି.ପ୍ରକାଶ, ଜେଆଇଟିପିଏଲ ପ୍ଲାଣ୍ଟ ମୁଖ୍ୟ ରାଜ କୁମାର ଚୌଧୁରୀ ଏବଂ ଟାଟା ଷ୍ଟିଲ ମୁଖ୍ୟ ନିରାପତ୍ତା ଅଧିକାରୀ ଅଗମ କୁମାର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ଶିଳ୍ପ ସଂସ୍ଥାର ଅକୁପେଶନାଲ ସ୍ୱାସ୍ଥ୍ୟ ବିଭାଗର ଡାକ୍ତରମାନେ ଯୋଗଦେଇ ଅକୁପେସନାଲ ସ୍ୱାସ୍ଥ୍ୟ ବିଷୟରେ ଅଭିଜ୍ଞତା ଉପସ୍ଥାପନ କରିଥିଲେ।



ଉପଖଣ୍ଡସ୍ତରୀୟ କର୍ମଶାଳାରେ ମଞ୍ଚାସୀନ ପ୍ରଶାସନିକ ଓ ବିଭିନ୍ନ ଶିଳ୍ପ ସଂସ୍ଥାର ଅଧିକାରୀମାନେ।

## କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସହଯୋଗ ଲୋଡ଼ା

ଢେଙ୍କାନାଳ ଅଫିସ,୨୨।୨

ଢେଙ୍କାନାଳ ଜିଲା ଗଁଦିଆ ବ୍ଲକର ଭୀମନଗରୀ ଥାନର ବାର୍ଷିକ ସମ୍ମିଳନୀ ଥାନ ସଭାପତି ଗୋବର୍ଦ୍ଧନ ନାୟକଙ୍କ ଅଧ୍ୟକ୍ଷତାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଝାରଦା ଗ୍ରାମର ପୂର୍ଣ୍ଣଚନ୍ଦ୍ର ମହାନ୍ତିଙ୍କ ବାସଭବନରେ ଅନୁଷ୍ଠିତ ଏହି ସମାରୋହରେ ମୁଖ୍ୟ ଅତିଥି ଭାବେ କେନ୍ଦୁପାଟଣା ମଣ୍ଡଳ କେନ୍ଦ୍ରୀୟ ସମ୍ପାଦକ ସନ୍ତୋଷ କୁମାର ସାହୁ, ସମ୍ମାନିତ ଅତିଥି ଭାବେ କେନ୍ଦ୍ରୀୟ କୋଷାଧ୍ୟକ୍ଷ ଅଶୋକ କୁମାର ସାହୁ, କେନ୍ଦ୍ରୀୟ ସଙ୍ଗଠନ ସମ୍ପାଦକ ସୁଶାନ୍ତ କୁମାର ପୃଷ୍ଟି, ସହ ସମ୍ପାଦକ ଶ୍ରୀନିବାସ ପୃଷ୍ଟି, ମହିଳା ମୋର୍ଚ୍ଚା ସଭାପତି ସସ୍ମିତା ନାୟକ ଉପସ୍ଥିତ ହୋଇ ଉଦ୍‌ବୋଧନ ଦେବା ସହିତ କେନ୍ଦ୍ର ସଙ୍ଗଠନର କାର୍ଯ୍ୟାଳୟ ନିର୍ମାଣ ନିମନ୍ତେ ସହଯୋଗ ଲୋଡ଼ିଥିଲେ। ଏହି ଅବସରରେ ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ପ୍ରଧାନ ଶିକ୍ଷକ ହରିହର ସାହୁଙ୍କୁ କେନ୍ଦୁପାଟଣା ମଣ୍ଡଳ ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମ୍ପାଦକ ବିଜୟ କୁମାର ପୃଷ୍ଟି ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ। ହରିହର ସାହୁ ଅତିଥି ପରିଚୟ ଓ ସଂଯୋଜନା କରିଥିବା ବେଳେ ଶରତ ଚନ୍ଦ୍ର ପୃଷ୍ଟି ଧନ୍ୟବାଦ ଦେଇଥିଲେ। ଭୀମନଗରୀ ଥାନର ସମସ୍ତ ସଭ୍ୟାସଭ୍ୟ ଉପସ୍ଥିତ ରହି ସହଯୋଗ କରିଥିଲେ।


କାର୍ଯ୍ୟକ୍ରମରେ ଉପସ୍ଥିତ କର୍ମକର୍ତ୍ତାମାନେ।

## ରାମଚରିତ ମାନସ ପାରାୟଣ

କାମାକ୍ଷାନଗର, ୨୨।୨(ଡି.ଏନ୍.ଏ.)

ଢେଙ୍କାନାଳ ଜିଲା କାମାକ୍ଷାନଗରସ୍ଥିତ ଶ୍ରୀରାମ ମନ୍ଦିର ପରିସରରେ ସୋମବାରଠାରୁ ଆରମ୍ଭ ହୋଇଛି ୩୮ତମ ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ। ଏହି ଉପଲକ୍ଷେ କଳସଯାତ୍ରା ଆୟୋଜିତ ହୋଇଥିଲା। ବ୍ରତଧାରୀମାନେ ଗୁଣ୍ଡିଚାନାଳୀ ରାମିଆଳ ନଦୀରେ ପୂଜାର୍ଚ୍ଚନା ପରେ ଜଳପୂର୍ଣ୍ଣ କଳସ ଧରି ମନ୍ଦିରରେ ପହଞ୍ଚିଥିଲେ। ଶ୍ରୁତିପଦ ନନ୍ଦ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ୯ଦିନ ଧରି ଚାଲିବାକୁ ଥିବା ଏହି କାର୍ଯ୍ୟକ୍ରମ ଆନୁକୂଲ୍ୟରେ ପ୍ରତି ସନ୍ଧ୍ୟାରେ ପ୍ରବଚନ ଅନୁଷ୍ଠିତ ହେବ।


କଳସ ଶୋଭାଯାତ୍ରା ପୂର୍ବରୁ ନଦୀରେ ପୂଜାର୍ଚ୍ଚନା କରାଯାଉଛି।

# ଯୁଦ୍ଧରେ ମାନବିକ ଅଧିକାର ପ୍ରଭାବିତ



ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳନ ଅବସରରେ ମଞ୍ଚାସୀନ ଅତିଥିମାନେ।

ଢେଙ୍କାନାଳ ଅଫିସ, ୨୨।୨

ଢେଙ୍କାନାଳ ଉତ୍ପୁନା ଅନୁଷ୍ଠାନ ପକ୍ଷରୁ ସୋମବାର ରଥଗଡ଼ାସ୍ଥିତ କାର୍ଯ୍ୟାଳୟରେ ବିଶ୍ୱ ସାମାଜିକ ନ୍ୟାୟ ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ମନୋରଞ୍ଜନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ବରିଷ୍ଠ ଆଇନଜୀବୀ ଶ୍ୟାମସୁନ୍ଦର ପଣ୍ଡା କହିଲେ, ରୁଷିଆ–ୟୁକ୍ରେନ୍ ଯୁଦ୍ଧରେ ମାନବିକ ଅଧିକାର ପ୍ରଭାବିତ ହେଉଛି। ମୁଖ୍ୟବକ୍ତା ସାମାଜିକ କର୍ମୀ ରୁଦ୍ର ପ୍ରକାଶ ଶରଣ କହିଲେ, ଦୁର୍ବଳ ଅର୍ଥନୀତି ବିଶ୍ୱ ସାମାଜିକ ନ୍ୟାୟକୁ ଧ୍ୱଂସ କରିଦେଇଛି। ପୂର୍ବତନ ଲୋକସମ୍ପର୍କ ଅଧିକାରୀ ଡ. ପ୍ରମୋଦ କୁମାର ନାୟକ, ସମାଜବାଦୀ ନେତା ସରୋଜ ଶତପଥୀ, ଓଡ଼ିଶା ସାହିତ୍ୟ ଏକାଡେମୀ ସଦସ୍ୟ କବି ବାହାଦୁର ପାଟସାହାଣୀ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ। ଆଇନଜୀବୀ ପ୍ରିୟଙ୍କା ପଣ୍ଡା, ବନ୍ଦନା ପଣ୍ଡା ନାଗରିକଙ୍କ କର୍ତ୍ତବ୍ୟ ଉପରେ ଆଲୋଚନା କରିଥିଲେ। ପ୍ରାକୃତିକ ଚିକିତ୍ସା କେନ୍ଦ୍ର ପରିଚାଳକ ପୀତବାସ ସାହୁ, ଶକ୍ତିପ୍ରସାଦ ପଟ୍ଟନାୟକ, ବିପିନ ବେହେରା, ଦେବପ୍ରସାଦ ମିଶ୍ର, ଅବିନାଶ ଦାସ, ଘନଶ୍ୟାମ ବେହେରା, ପ୍ରଶାନ୍ତ ପଟ୍ଟନାୟକ, ଉମ୍ବରୁଧର ପଣ୍ଡା, ଉପେନ୍ଦ୍ର ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ନମିତା, ଚିନ୍ମୟଙ୍କୁ ବ୍ଲାକ୍ ବେଲ୍ଟ

ଅନୁଗୋଳ ଅଫିସ, ୨୨।୨

ଅନୁଗୋଳ ଟାଏକୋଣ୍ଡୋ ସଂଘର ଦୁଇ ଛାତ୍ରୀଛାତ୍ରଙ୍କୁ ବିଶ୍ୱ ଟାଏକୋଣ୍ଡୋ ଦ୍ୱାରା ବ୍ଲାକ ବେଲ୍ଟ ପ୍ରଦାନ କରାଯାଇଛି। ଦୁହିଁଙ୍କୁ ଜିଲା କ୍ରୀଡା ଅଧିକାରୀ ଅକ୍ଷୟ କୁମାର ସୀଠ ବୁଧବାର ବ୍ଲାକ୍ ବେଲ୍ଟ ଓ ମାନପତ୍ର ପ୍ରଦାନ କରିଛନ୍ତି। ଏହି ଦୁଇ ପ୍ରତିଯୋଗୀଙ୍କୁ ଜିଲା ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ଉପସ୍ଥିତିରେ ମାନପତ୍ର ପ୍ରଦାନ କରାଯାଇଥିଲା। ସମ୍ପାଦକ ଦୁଷ୍ୟନ୍ତ କୁମାର ନାଥଙ୍କ ଠାରୁ ଶିକ୍ଷା ଗ୍ରହଣ କରି ପୂର୍ବରୁ ୨୩ ଛାତ୍ରୀଛାତ୍ର ବିଶ୍ୱ ଟାଏକୋଣ୍ଡୋ ଦ୍ୱାରା ବ୍ଲାକ୍ ବେଲଟ୍ ପାଇଛନ୍ତି।


ଜିଲା କ୍ରୀଡ଼ା ଅଧିକାରୀ ଓ ଜିଲା ଟାଏକୋଣ୍ଡୋ ସଂଘ ସମ୍ପାଦକଙ୍କ ସହ ୨ ଖେଳାଳି।

## ସରାଙ୍ଗ ଟିମ୍ ଚାମ୍ପିୟନ

ପରଜଙ୍ଗ,୨୨।୨(ଡି.ଏନ.ଏ.)

ପରଜଙ୍ଗ ବ୍ଲକ ସରାଙ୍ଗ ପଞ୍ଚାୟତ ଜଟିଆ ଗ୍ରାମସ୍ଥିତ ପିତାବଳୀ ଖେଳପଡିଆରେ ବିବିସିସି କ୍ରିକେଟ କ୍ଲବ ଆନୁକୂଲ୍ୟରେ ଚାଲିଥିବା କ୍ରିକେଟ ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଫାଇନାଲ୍ ମ୍ୟାଚ ଜଟିଆ କ୍ରିକେଟ କ୍ଲବ ଓ ସରାଙ୍ଗ କ୍ରିକେଟ କ୍ଲବ ମଧ୍ୟରେ ଖେଳାଯାଇଥିଲା। ଏଥିରେ ସରାଙ୍ଗ ଟିମ୍ ବିଜୟୀ ହେବା ସହ ଚାମ୍ପିୟନ ହୋଇଥିଲା। ମୁଖ୍ୟଅତିଥି ଭାବେ ଢେଙ୍କାନାଳ ଜିଲା ଜିଲାପରିଷଦ ଉପସଭାପତି ବିଳାସିନୀ ସେଠୀ, ସମ୍ମାନିତ ଅତିଥି ଭାବେ ଜିଲା ପରିଷଦ ସଦସ୍ୟା ରୁନୁ ବର୍ମା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ବେହେରା, ସରପଞ୍ଚ କୃଷ୍ଣଚନ୍ଦ୍ର ମହାନ୍ତି, ଜିଲା ଯୁବ ବିଜେଡି ସମ୍ପାଦକ ପ୍ରେମାନନ୍ଦ ସାହୁ, ସାମାଜିକ କର୍ମୀ ଜମ୍ନେଶର ବର୍ମା, ୧୧ ନମ୍ବର ୱାର୍ଡ ମେମ୍ବର ଅଞ୍ଜଳି ଦେହୁରୀ, ଗ୍ରାମ ସଭାପତି ଦୟାନିଧି ବେହେରା, ଭୀମସେନ ଦେହୁରୀ ଯୋଗଦେଇ ଉଭୟ ଦଳକୁ ପୁରସ୍କୃତ କରିଥିଲେ। ଦିବେଶ ଚନ୍ଦ୍ର ବେହେରା, ଅନୁପ ଦେହୁରୀ, ସନତ ଦେହୁରୀ, ବାପୁଜୀ ଦେହୁରୀ, ଅରୁଣ ସାହ, ସଲିମ ସାହୁ, ଗୋବିନ୍ଦ ସେଠୀ, ସୁଜିତ୍ ଦେହୁରୀ, ସତ୍ୟଜିତ ସାହୁ ପ୍ରମୁଖ ସହଯୋଗ କରିଥିଲେ।


ଚାମ୍ପିୟନ ଦଳକୁ ଅତିଥିମାନେ ପୁରସ୍କୃତ କରୁଛନ୍ତି।

# ପରାମର୍ଶ ଶିବିରରେ ୩୩୦ ନାମ ପଞ୍ଜୀକରଣ



ବ୍ଲକସ୍ତରୀୟ ପରାମର୍ଶ ଶିବିରରେ ମଞ୍ଚାସୀନ ଲୋକ ପ୍ରତିନିଧି ଓ ପ୍ରଶାସନିକ ଅଧିକାରୀମାନେ।

ବଇଣ୍ଡା,୨୨।୨(ଡି.ଏନ.ଏ.)

ଅନୁଗୋଳ ଜିଲା ନିୟୋଜନ କାର୍ଯ୍ୟାଳୟ ପକ୍ଷରୁ ବୁଧବାର କିଶୋରନଗର ବ୍ଲକସ୍ତରୀୟ ପରାମର୍ଶ ଶିବିର ସ୍ଥାନୀୟ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପରିଷଦ ସଭାପତି ବବିତା ପ୍ରଧାନ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ଜିଲା ନିୟୋଜନ ଅଧିକାରୀ ମାନସ ରଞ୍ଜନ ମହାନ୍ତି, ବ୍ଲକ ଅଧ୍ୟକ୍ଷା ଶୈରେନ୍ଦ୍ରି ପ୍ରଧାନ, ବିଡିଓ ବିନୋଦ ବିହାରୀ ବେହେରା, ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବିଧାୟକଙ୍କ ପ୍ରତିନିଧି କାଳନ୍ଦୀ ଚରଣ ପ୍ରଧାନ, ଏବିଡିଓ ଦିଲୀପ ପ୍ରଧାନ, କିଶୋରନଗର କଲେଜ ଅଧ୍ୟକ୍ଷ ଅକ୍ଷୟ କୁମାର ଦାସ, ଜିପିଓ ପ୍ରମୋଦ ସାହୁ ପ୍ରମୁଖ ଯୋଗଦେଇଥିଲେ। ଶିବିର ଦ୍ୱାରା ଛାତ୍ରୀଛାତ୍ର କିଭଳି ସ୍ୱାବଲମ୍ବୀ ହୋଇ ପାରିବେ ସେ ନେଇ ଅତିଥିମାନେ ମତପ୍ରକାଶ କରିଥିଲେ। ଜୀବିକା ମିଶନର ବ୍ଲକ ପରିଚାଳକ ସୁଜିତ ପ୍ରଧାନ ପରିଚାଳନା କରିଥିଲେ। ଶିବିରରେ ବିଭିନ୍ନ ଆଇଟିଆଇ ଓ ବୈଷୟିକ ଶିକ୍ଷାନୁଷ୍ଠାନର ୯ଟି ତାଲିମ ପ୍ରଦାନକାରୀ ସଂସ୍ଥା ଛାତ୍ରୀଛାତ୍ରଙ୍କୁ ତାଲିମ ବିଷୟରେ ପରାମର୍ଶ ଦେଇଥିଲେ। ଏଥିରେ ୩୩୦ ଜଣ ନାମ ପଞ୍ଜୀକରଣ କରିଥିଲେ।

## କୋଇଲା ଜବତ, ୪ ଗିରଫ

ଅନୁଗୋଳ ଅଫିସ, ୨୨।୨

ଅନୁଗୋଳ ସଦର ଥାନା ପୋଲିସ ୧୨ କୁଇଣ୍ଟାଲ ଚୋରା କୋଇଲା ଜବତ ସହ ୪ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ଢେଙ୍କାନାଳ ଜିଲା ହିନ୍ଦୋଳ ଭଗବାନପୁରର ଅଜୟ ସେନାପତି, ସଦର ଥାନା ନତଡ଼ା ଗ୍ରାମର ବୁଲୁ ସେଠୀ, ଜାମୁନାଳି ଅଞ୍ଚଳର ରଞ୍ଜନ ସେଠୀ ଓ ନତଡ଼ା ଅଞ୍ଚଳର ପିଣ୍ଟୁ ସେଠୀ। ସେମାନଙ୍କଠାରୁ ୪ଟି ମୋଟର ସାଇକେଲ ମଧ୍ୟ ଜବତ କରାଯାଇଛି। ଅଭିଯୁକ୍ତମାନେ ମୋଟରସାଇକେଲ ଯୋଗେ ଚୋରା କୋଇଲା ନେଉଥିବା ବିଶ୍ୱସ୍ତସୂତ୍ରରୁ ଖବରପାଇ ସଦର ପୋଲିସ ନତଡ଼ାରେ ଚଢ଼ାଉ କରିଥିଲା। ଗିରଫ ଅଭିଯୁକ୍ତମାନଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ସତ୍ୟବ୍ରତ ରାଉତ ସୂଚନା ଦେଇଛନ୍ତି।


ଗିରଫ ଅଭିଯୁକ୍ତମାନଙ୍କୁ ପୋଲିସ ହାଜର କରାଇଛି।

# ମହିଳାଙ୍କୁ ସ୍ୱାବଲମ୍ବୀ କରିବ କୁକୁଡ଼ା ଚାଷ

ମାଧପୁର/ ବଇଣ୍ଡା,୨୨।୨(ଡି.ଏନ.ଏ.)

ଆଠମଲ୍ଲିକ ବନଖଣ୍ଡ ମାଧପୁର ବନାଞ୍ଚଳ ଅଧୀନ ମାଧପୁର ଗ୍ରାମଠାରେ ବୁଧବାର ବାଡ଼ି ଅଗଣାରେ କୁକୁଡ଼ା ଚାଷ ନିମନ୍ତେ ୯ଟି ପଞ୍ଚାୟତର ୫୧ ଜଣ ହିତାଧିକାରୀଙ୍କୁ ୨୫ଟି ଲେଖାଏଁ କୁକୁଡ଼ା ଚିଆଁ ବଣ୍ଟନ କରଯାଇଛି। ଏହି କାର୍ଯ୍ୟକ୍ରମରେ ମାଧପୁର ପ୍ରାଣୀ ଚିକିତ୍ସକ ଡାକ୍ତର ସରିତା ବେହେରା, ମାଧପୁର ବନାଞ୍ଚଳ ସଂଯୋଜକ ଦେବାନନ୍ଦ ନାଏକ, ଅମରେଶ ପ୍ରସାଦ ଦାସ, ତନୁଶ୍ରୀ ବଘାର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି କିଶୋରନଗର ବ୍ଲକ ବାମୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ପ୍ରାଣୀ ସମ୍ପଦ ବିଭାଗ ପକ୍ଷରୁ କୁକୁଡା ଚିଆଁ ପ୍ରଦାନ କରାଯାଇଛି। ବାମୁର ପଞ୍ଚାୟତର ୧୫ ଜଣ ଅନୁସୂଚିତ ଜାତି ଓ ଜନଜାତି ମହିଳାଙ୍କୁ ଚିଆଁ ପ୍ରଦାନ କରାଯାଇଥିଲା। ଅତିଥି ଭାବେ ସରପଞ୍ଚ ସଞ୍ଜୀବ ପ୍ରଧାନ ଯୋଗଦେଇ ଚିଆଁ ବଣ୍ଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବ୍ଲକ ଉପାଧ୍ୟକ୍ଷ ଲବ ପ୍ରଧାନ, ବ୍ଲକ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. କମଳଲୋଚନ ଦାସ, ପ୍ରାଣୀ ଚିକିତ୍ସକ ଡା. ଶୁଭଶ୍ରୀ ଶ୍ୱେତାପଦ୍ମା ସାହୁ, ଡା. ମଧୁସ୍ମିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ।



ବାମୁର ପଞ୍ଚାୟତର ବିଭିନ୍ନ ଗ୍ରାମରେ ଚିଆଁ ବଣ୍ଟନ। ଆଠମଲ୍ଲିକ ବ୍ଲକ ମାଧପୁର ବନାଞ୍ଚଳ ଅଧୀନ ମାଧପୁର ଗ୍ରାମଠାରେ କୁକୁଡ଼ା ଚିଆଁ ବଣ୍ଟନ।

# ଆନ୍ଦୋଳନକାରୀଙ୍କ ସହ ଆଲୋଚନା ବିଫଳ

ଛେଣ୍ଡିପଦା,୨୨।୨(ସ୍ୱ.ପ୍ର.)

ନାଲ୍‌କୋକୁ ମିଳିଥିବା ଉତ୍କଳ–ଡି କୋଲ୍ ବ୍ଲକରେ ଖଣି ଖନନ କରୁଥିବା ଘରୋଇ କମ୍ପାନୀରେ ନିଯୁକ୍ତି, କ୍ଷତିପୂରଣ ଓ ଥଇଥାନ ଦାବିରେ ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ରାଇଝରଣ ପଞ୍ଚାୟତର ରାଇଝରଣ, କାଉଁଶିଡ଼ିପ ଓ ଗୋଳାଗାଡିଆର କ୍ଷତିଗ୍ରସ୍ତମାନେ ସୋମବାରଠାର ଆନ୍ଦୋଳନ ଚଳାଇଛନ୍ତି। ଶାନ୍ତିପୂର୍ଣ୍ଣ ଭାବେ ଚାଲିଥିବା ଏହି ଖଣି ବନ୍ଦ ଆନ୍ଦୋଳନ ବୁଧବାର ତୃତୀୟ ଦିନରେ ପହଞ୍ଚିଥିବାବେଳେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା ବିଫଳ ହୋଇଛି। ତେବେ ଗୁରୁବାର ସମସ୍ତ ଅଧିକାରୀ ଓ ଆନ୍ଦୋଳନକାରୀଙ୍କ ମଧ୍ୟରେ ପୁନର୍ବାର ଆଲୋଚନା ହେବ ବୋଲି ସ୍ଥିର କରାଯାଇଛି।

ପ୍ରକାଶ ଯେ, ରାଇଝରଣ ଗ୍ରାମ ସଭାପତି ଲମ୍ବୋଦର ସାହୁଙ୍କ ନେତୃତ୍ୱରେ କ୍ଷତିଗ୍ରସ୍ତ ପ୍ରଜାମାନେ ଖଣି କାର୍ଯ୍ୟ ବନ୍ଦ କରି ମୁଖ୍ୟ ରାସ୍ତାରେ ଆନ୍ଦୋଳନରେ ବସିଛନ୍ତି। ସେମାନେ କହିଛନ୍ତି, ବର୍ତ୍ତମାନ ସୁଦ୍ଧା ୬୦ ଭାଗ ଜମିହରା ପ୍ରଜା କ୍ଷତିପୂରଣ ରାଶି ପାଇପାରି ନାହାନ୍ତି। ଏପରି କି ନାଲ୍‌କୋ ଓ ଖଣି ଖୋଲୁଥିବା ଘରୋଇ କମ୍ପାନୀରେ କୌଣସି କ୍ଷତିଗ୍ରସ୍ତଙ୍କୁ ନିଯୁକ୍ତି ପ୍ରଦାନ କରାଯାଇ ନାହିଁ। କ୍ଷତିଗ୍ରସ୍ତଙ୍କୁ ସମ୍ପୂର୍ଣ୍ଣ ଅଣଦେଖା କରି ବାହାର ଲୋକଙ୍କୁ ଘରୋଇ କମ୍ପାନୀ ନିଯୁକ୍ତି ଦେଉଛି। ବିରୋଧ କଲେ ପୋଲିସ ଜରିଆରେ ମିଥ୍ୟା ମାମଲାର ଭୟ ଦେଖାଯାଉଛି। ତେଣୁ ତୁରନ୍ତ କ୍ଷତିପୂରଣ ରାଶି ପ୍ରଦାନ ସହ ପଞ୍ଚାୟତ ରାସ୍ତାରେ ପାଣି ସିଞ୍ଚନ, ପିଇବା ପାଣି ଯୋଗାଣ, ବିଦ୍ୟାଳୟ, କୋଠଘର, ମନ୍ଦିରର ଉନ୍ନତୀକରଣ, ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି, ସ୍ୱାସ୍ଥ୍ୟସେବା ଶିବିର ଓ ନୂତନ ବିସ୍ଥାପିତ ପଲିସି ଅନୁଯାୟୀ କ୍ଷତିଗ୍ରସ୍ତଙ୍କୁ ଥଇଥାନ ଆଦି ଦାବି ପୂରଣ କରାଯାଉ। ପ୍ରଶାସନ ଓ କମ୍ପାନୀ କର୍ତ୍ତୃପକ୍ଷ ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି କ୍ଷତିଗ୍ରସ୍ତମାନେ ଚେତାବନୀ ଦେଇଛନ୍ତି। ବୁଧବାର ଆନ୍ଦୋଳନସ୍ଥଳରେ ଛେଣ୍ଡିପଦାର ନୂଆ ତହସିଲଦାର ମାନସ ରାୟ ଓ ଏସ୍‌ଡିପିଓ ରମାକାନ୍ତ ମହାଲିକ ପ୍ରମୁଖ ପହଞ୍ଚି ବୁଝାଶୁଝା କରିଥିଲେ ହେଁ ତାହା ସଫଳ ହୋଇ ନ ଥିଲା।


ଆନ୍ଦୋଳନରେ ବସିଥିବା ଖଣି କ୍ଷତିଗ୍ରସ୍ତମାନେ।

